## ବଡ଼ଧରଣର ଚଢ଼ଉ ପରେ ବି ଚାଲିଛି ଗୋଚାଲାଣ

# ୭ ଗୋରୁ ଉଦ୍ଧାର, ୫ଟି ଗାଡ଼ିରେ ହେଉଥିଲା ଚାଲାଣ

- ୨ ଗାଡ଼ି ଜବତ, ଅନ୍ୟଗୁଡ଼ିକ ଫେରାର
- ବିଭିନ୍ନ ସ୍ଥାନରୁ ଗାଈ ଚୋରି କରି ପଶ୍ଚିମବଙ୍ଗ କରୁଥିଲେ ଚାଲାଣ
- ପୁଲିସକୁ ଚକମା ଦେଇ ମାରିଲେ ଚମ୍ପଟ

ରାଇରଙ୍ଗପୁର/କରଞ୍ଜିଆ, ୧୧।୪(ସମିସ): ବାରମ୍ବାର ବଡ଼ଧରଣର ଚଢ଼ଉ ପ୍ରକ୍ରିୟା ପରେ ବି ଗୋଚାଲାଣ ଜାରି ରହିଛି। ଗୋଚାଲାଣ ବେଳେ କରଞ୍ଜିଆ ଥାନା ପୁଲିସ ଦ୍ୱାରା ୭ଟି ଗୋରୁ ଉଦ୍ଧାର ସହ ୨ଟି ଗାଡ଼ି ଜବତ କରାଯାଇଛି।

ପାଞ୍ଚପିଢ଼ରେ ପୁଣି ଗୋ ତସ୍କର ଟିମ ସକ୍ରିୟ ହୋଇଉଠିଛି। ପୁଲିସକୁ ଚକମା ଦେଇ ଚମ୍ପଟ ମାରିବା ଉଦ୍ୟମ କରିବା ବେଳେ ଗୋରୁ ଉଦ୍ଧାର ହୋଇଛନ୍ତି। ଦିନକୁ ଦିନ ବେଆଇନ ଗୋଚାଲାଣ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ପାଟ୍ରୋଲିଂ ବେଳେ ୪ଟି ପିକଅପ ଓ ଗୋଟିଏ ବୋଲେରୋ ଗାଡ଼ିରେ ଗୋରୁ ନେଇ ଦ୍ରୁତ ବେଗରେ ଯାଉଥିବା ଦେଖି ଗାଡ଼ିର ପିଛା କରି ପୁଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ସେମାନେ ପୁଲିସକୁ ଚକମା ଦେଇ ଚମ୍ପଟ ମାରିଥିଲେ। ସମସ୍ତ ୫ଟି ଗାଡ଼ି ବାଟୋଆସିରା ଓ ବକଲ ଆଦି ଗ୍ରାମ ବାଟରେ ପୃଥକ ପୃଥକ ହୋଇ ଚମ୍ପଟ ମାରିଥିଲେ। ପୁଲିସ ଗୋଟିଏ ପାଟ୍ରୋଲିଂ ଗାଡ଼ିରେ ସବୁ ଗାଡ଼ିକୁ ପିଛା କରିବା ଅସମ୍ଭବ ହୋଇଥିଲା। କିଛି ବାଟ ଯିବା ପରେ ବକଲ ଗ୍ରାମ ନିକଟସ୍ଥ ଜଙ୍ଗଲରେ ପିକଅପରୁ ଗୋରୁ ବାହାର କରୁଥିବା ପୁଲିସ ଦେଖିଥିଲା। ପୁଲିସ ଦେଖି ୪/୫ ଜଣ ଚମ୍ପଟ ମାରିଥିଲେ। ଯାହାକୁ ପିଛା କରି ପୁଲିସ ଧରିବାରେ ଅସଫଳ ହୋଇଥିବାବେଳେ ସେଠାରୁ ଗୋରୁ ଉଦ୍ଧାର କରାଯାଇଥିଲା। ସେହିପରି କିଛି ବାଟ ଆଗକୁ ବୋଲେରୋ ଛାଡ଼ି ଚାଳକ ଜଣକ ଫେରାର ହୋଇଯାଇଥିଲା। ଗାଡ଼ି ଯାଞ୍ଚ କରିବାରୁ ଗୋରୁ ଉଦ୍ଧାର କରାଯାଇଛି। ଗାଈଗୁଡ଼ିକ ବିଭିନ୍ନ ସ୍ଥାନରୁ ଚୋରି କରି ଆଣି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ୨ଟି ଗାଡ଼ି ଧରାପଡ଼ିଥିବାବେଳେ ଅନ୍ୟ ୩ଟି ଗାଡ଼ି ଚମ୍ପଟ ମାରିଛନ୍ତି। ଗୋରୁ ହତ୍ୟା କରି ମାଂସ ବିକ୍ରି କରିବା ଯୋଜନା କରି ଅମାନବୀୟ ଭାବେ ଚାଲାଣ କରୁଥିଲେ ବୋଲି ସନ୍ଦେହ କରାଯାଉଛି। ଉଦ୍ଧାର ଗୋରୁଙ୍କୁ ସ୍ଥାନୀୟ ଗ୍ରାମବାସୀଙ୍କୁ ଜିମା ଦିଆଯାଇଛି। ଏ ନେଇ କରଞ୍ଜିଆ ଥାନାରେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତେବେ ବଡ଼ଧରଣର ଚଢ଼ଉ ପରେ ମଧ୍ୟ ଗୋଚାଲାଣ ଥମୁନାହିଁ। ଗୋଚାଲାଣକାରୀ ନିୟମିତ ବ୍ୟବଧାନରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଅଞ୍ଚଳକୁ ଗୋ ଚାଲାଣ କରୁଛନ୍ତି। ଏଥିପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

● ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ମାନସିକ ନିର୍ଯାତନା ଯୋଗୁଁ ଆତ୍ମହତ୍ୟା ଅଭିଯୋଗ

### ଥାନାରେ ଅଭିଯୋଗ କଲେ ପରିବାର ଲୋକ

ରାଇରଙ୍ଗପୁର, ୧୧।୪(ସମିସ): ବୁଧବାର ଦିନ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ବାଇଦାପୋଷି ଗ୍ରାମରେ ବନ୍ଦ ଘରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ତେବେ ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ଝିଅ ଆତ୍ମହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ବାଇଦାପୋଷି ଗ୍ରାମର ଦୀପକ ମାଝୀଙ୍କ ସ୍ତ୍ରୀ ଜାସ୍ମି ମାର୍ଣ୍ଡି (୩୧)ଙ୍କ ମୃତଦେହ ଘର ମଧ୍ୟରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବିବାହର ୨ବର୍ଷ ପରଠାରୁ ତାଙ୍କ ସ୍ୱାମୀ ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ। ଜାସ୍ମୀ ନର୍ସିଂ ତାଲିମ ଗ୍ରହଣ କରୁଥିବାବେଳେ ତାଙ୍କ ସ୍ୱାମୀ ଏହାକୁ ବିରୋଧ କରୁଥିଲେ। ଯଦି ସେ ଚାକିରି କରିବେ ତେବେ ସେ ତାଙ୍କୁ ଛାଡ଼ି ଦେବେ ବୋଲି ଧମକ ଦେଉଥିଲେ। ଯାହାକୁ ନେଇ ସେ ମାନସିକ ଚାପରେ ରହିଥିଲେ। ସ୍ୱାମୀ ବାରମ୍ବାର ମାନସିକ ନିର୍ଯାତନା ଦେଉଥିବା ନେଇ ଜାସ୍ମୀ ବାପା ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ନିର୍ଯାତନା ମାତ୍ରା ବୃଦ୍ଧି ପାଇବାରୁ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇଛନ୍ତି। ଜାଶ୍ମି ଆତ୍ମହତ୍ୟା ପାଇଁ ତାଙ୍କ ସ୍ୱାମୀ ଦାୟୀ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଉଦଳା କଲେଜରେ କ୍ୟାରିୟର କାଉନସେଲିଂ



ଗୋପବନ୍ଧୁନଗର/ଉଦଳା, ୧୧।୪(ସମିସ): ଉଦଳା ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍‌ଫ ପକ୍ଷରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଡେପୁଟୀ କଲେକ୍ଟର ପ୍ରତୀକ ପଣ୍ଡା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜୁନିୟର ଏମ୍ପ୍ଲଏମେଣ୍ଟ ଅଫିସର ବିଭୂତି ମହାନ୍ତୋ ଯୋଗ ଦେଇଥିଲେ। ପ୍ରାୟ ୪୦୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲର ସମନ୍ୱୟକ ଗଜେନ୍ଦ୍ର ହାଁସଦାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ପ୍ରତୀକ ପଣ୍ଡା ଛାତ୍ରଛାତ୍ରୀଙ୍କୁ ସ୍ପଷ୍ଟ ଲକ୍ଷ୍ୟ ନିର୍ଦ୍ଧାରଣ, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ସହ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ସେ ପ୍ରତିଯୋଗୀତାମୂଳକ ପରୀକ୍ଷା ଓ ପ୍ରଶାସନିକ ସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ବଳ ବ୍ୟକ୍ତି ବିଭୂତି ମହାନ୍ତୋ ବିଭିନ୍ନ ଚାକିରି ସୁଯୋଗ, କୌଶଳ ବିକାଶ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ପ୍ରଶ୍ନୋତ୍ତର ପର୍ବରେ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପକ ସତ୍ୟବ୍ରତ ମଲ୍ଲିକ, ଲକ୍ଷ୍ମଣ ଗିଲୁଆ, ମଧୁସୂଦନ ମୁର୍ମୁ ଓ ଇଶ୍ୱର ଚନ୍ଦ୍ର ମୁର୍ମୁ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ସ୍ୱୟଂସେବକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଲେଜ କର୍ମଚାରୀ ବିଜନ ନାୟକ, ଦେବାଶିଷ ବେହେରା ସହଯୋଗ କରିଥିଲେ। ଗୋଲକ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରସାୟନ ବିଜ୍ଞାନ ବିଭାଗରେ ବିଦାୟ ସମ୍ବର୍ଦ୍ଧନା

କପ୍ତିପଦା, ୧୧।୪ (ସମିସ): ନୂଆସାହିସ୍ଥ କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପ୍ରକୋଷ୍ଠରେ ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧକ୍ଷ୍ୟା ଡ. ଲିପକା ବେହେରା ୱେବିନାର ମାଧ୍ୟମରେ ଉଦଘାଟନ କରିବା ସହିତ ପିଲାଙ୍କୁ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଲମ୍ବୋଦର ବାରିକ ପିଲାଙ୍କୁ ଶୃଙ୍ଖଳାର ସହିତ କାର୍ଯ୍ୟ କଲେ ନିଜ ଲକ୍ଷ୍ୟସ୍ଥଳରେ ଅନାୟାସରେ ପହଞ୍ଚିପାରିବ। ରସାୟନ ବିଜ୍ଞାନ ବିଭାଗ ଅଧ୍ୟାପକ ନଳିନୀ ସାହୁ ବିଦାୟ ନେଉଥିବା ପିଲାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ପିଲାଙ୍କୁ ଅଧ୍ୟୟନରେ ବ୍ରତୀ ହେବାକୁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ଗ୍ରନ୍ଥାଗରିକ ଶଶୀଧର ଜେନା, ମୁଖ୍ୟ ଲିପିକ ରତିକାନ୍ତ ମହାନ୍ତି, ମନୋରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଡାକ୍ତର ଗିରୀଶ ମହାନ୍ତ ଥିଲେ ସମାଜର ମାର୍ଗଦର୍ଶକ'



ବାରିପଦା, ୧୧।୪(ସମିସ): ସ୍ଥାନୀୟ ଭଞ୍ଜପୁର ଦୁର୍ଗା ମଣ୍ଡପରେ ଡା ଗିରୀଶ ଚନ୍ଦ୍ର ମହାନ୍ତଙ୍କ ଏକାଦଶାହ ଅବସରରେ କୁଡମାଲୀ କଲଚରାଲ ଆସୋସିଏସନ ପକ୍ଷରୁ ଆୟୋଜିତ ସ୍ମୃତିଚାରଣ ସଭାରେ ତାଙ୍କୁ ସମାଜର ମାର୍ଗଦର୍ଶକ ଓ ମୟୂରଭଞ୍ଜର ଅନ୍ୟତମ ପ୍ରତିଭା ଭାବେ ବର୍ଣ୍ଣନା କରାଯାଇଛି। କୁଡମାଲୀ କଲଚରାଲ ଆସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କ ଜୀବନ କିପରି ସଂଘର୍ଷମୟ ଥିଲା ଓ ଆର୍ଥିକ ଅନଟନ ମଧ୍ୟରେ ସେ କିପରି ପାଠ ପଢ଼ିଥିଲେ, ତାହା ଆଲୋଚନା କରାଯାଇଛି। ଶୀର୍ଷା ହାଇସ୍କୁଲରୁ ମାଟ୍ରିକ, ଏମପିସିରୁ ପିପି, ଭିଏସଏସ ବୁର୍ଲାରୁ ଏମବିବିଏସ ଓ କଟକ ଏସସିବି ମେଡିକାଲ କଲେଜରୁ ଏମଡି କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଭାବେ ମୟୂରଭଞ୍ଜର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟକରୀ ଲୋକପ୍ରିୟତା ହାସଲ କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲରେ ଶିଶୁରୋଗ ବିଶେଷଜ୍ଞ ଓ ବାରିପଦା ମୁଖ୍ୟ ଚିକିତ୍ସାଳୟରେ ଏଡିଏମଓ (ଏଫଡବ୍ଲୁ) ଭାବେ କାର୍ଯ୍ୟ କରିଥିଲେ। ଆସୋସିଏସନ ପକ୍ଷରୁ ସ୍ୱର୍ଗତ ମହାନ୍ତଙ୍କ ଉଦ୍ଦେଶ୍ୟରେ ତାଙ୍କ ପତ୍ନୀ ଶ୍ରୀମତୀ ଅନୁପମାକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ଅବସରରେ ତାଙ୍କ ପୁତ୍ର ପପୁ, ଝିଅ ସିମ୍ପଲ, ପୁତ୍ରବଧୂ ମଧୁଲିମା, ଜ୍ୱାଇଁ ଦେବାଶିଷ ଓ ନାତି ଦୈବିକ ଉପସ୍ଥିତ ଥିଲେ। ଆସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତ, ଦିପ୍ତେନ୍ଦୁ ଷଡଙ୍ଗୀ, ଅବନୀ କୁମାର ମହାନ୍ତ, ହରେକୃଷ୍ଣ ମହାନ୍ତ, ମୁରଲୀଧର ପାତ୍ର, ବସନ୍ତ ମହାନ୍ତ, ଡ. କୈଳାସ ମହାନ୍ତି, ଡ. ପ୍ରତାପ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

## ପଶୁଦା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ



କୁଆମରା, ୧୧।୪(ସମିସ): ଗୋପବନ୍ଧୁନଗର ବ୍ଲକ ପଶୁଦା ସରକାରୀ ଉଚ୍ଚବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ ହୋଇଛି। ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଓ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ପତାକା ଉତ୍ତୋଳନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ଫଳକ ଉନ୍ମୋଚନ କରିଥିଲେ। ପୁରାତନ ଛାତ୍ରଙ୍କ ଦ୍ୱାରା ଏକ ମଶାଲ ଶୋଭାଯାତ୍ରା ଶିବ ମନ୍ଦିରରୁ ବାହାରି ଗ୍ରାମ ପରିକ୍ରମା ପରେ ବିଦ୍ୟାଳୟରେ ପହଞ୍ଚିଥିଲା। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଶ୍ରୀକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ଭାସ୍କର ମଢେଇ, ମୁଖ୍ୟବକ୍ତା କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ଗିରି ଓ ଗଜେନ୍ଦ୍ର ନାଥ କଟୁଆଳ, ବିଦ୍ୟାଳୟର ପ୍ରଥମ ସମ୍ପାଦକ କମଳାକାନ୍ତ ସଲଙ୍ଗି, କମିଟି ସମ୍ପାଦକ ଅଜୟ ରାଉତ ଯୋଗଦେଇ ଛାତ୍ରଛାତ୍ରୀ ଦେଶର ଭବିଷ୍ୟତ, ପ୍ରତି କ୍ଷେତ୍ରରେ ସଫଳତା ହାସଲ କରିବା ପାଇଁ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଚିତ୍ତରଞ୍ଜନ ଦାଶଙ୍କ ବେଦମନ୍ତ୍ର ପାଠ କରିଥିବାବେଳେ ଦିବଂଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏ ଅବସରରେ ଅତିଥିଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସଙ୍ଗମ' ଉନ୍ମୋଚିତ ହୋଇଥିଲା। ଗୋବିନ୍ଦ ରାଉତ ଅତିଥି ପରିଚୟ ଓ ଅନିରୁଦ୍ଧ ମହଲା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠ, ମୁଖ୍ୟବକ୍ତା ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟି ସଂଯୋଜକ ଗୋବିନ୍ଦ ରାଉତ ଯୋଗଦେଇ ବଡ ମଣିଷ ଅପେକ୍ଷା ଭଲ ମଣିଷ ହେବାକୁ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ କାର୍ତ୍ତିକ ଜେନା ଅଧ୍ୟକ୍ଷତା କରିଥିବାବେଳେ ନୀଳଗିରି ମହିଳା ଡିଗ୍ରୀ କଲେଜର ଅଧ୍ୟାପକ ପ୍ରଦୀପ୍ତ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ଅବଗଣନା ସମାପନ

ବାରିପଦା, ୧୧।୪(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଦୂର ଓ ଅନଲାଇନ୍ ଶିକ୍ଷାକେନ୍ଦ୍ର (ସିଡିଓଇ) ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସର ୭୨ ଦିନିଆ ଅବଗଣନା




କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ, ମାରାରଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନ ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ ପାଳନ ପୂର୍ବକ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ ଜନସାଧାରଣଙ୍କ ମଧ୍ୟରେ ଯୋଗ ବିଷୟରେ ସଚେତନତା ବୃଦ୍ଧି କରିବା, ସାମଗ୍ରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସାମାଜିକ ସମନ୍ୱୟ ପାଇଁ ଏହାକୁ ଗ୍ରହଣ କରିବାକୁ ଉତ୍ସାହିତ କରିବା ପାଇଁ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବେ ବିଶ୍ୱବିଦ୍ୟାଳୟର ଇନଡୋର ଷ୍ଟାଡିୟମରେ ଏକ ସାଧାରଣ ଯୋଗ ପ୍ରୋଟୋକଲ ଅଭ୍ୟାସ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, ସିଡିଓଇର ନିର୍ଦ୍ଦେଶକ ପ୍ରଫେସର ସୁକାନ୍ତ ନାୟକ, ସ୍ଥାନୀୟ କର୍ପୋରେଟର ଶିବଶଙ୍କର ପାତ୍ର, ପ୍ରଫେସର ଏମ୍ ହିମବିନ୍ଦୁ, ପ୍ରଫେସର ପ୍ରମୋଦ ଶତପଥୀ, ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଅଧିବେଶନରେ ୯୦ ଜଣ ସ୍କୁଲ୍ ଛାତ୍ରଛାତ୍ରୀ, ୧୧୬ ଜଣ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ୩୮୪ ଜଣ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ ଓ ୩୧ ଜଣ କର୍ମଚାରୀ ଏପରି ମୋଟ ୬୨୧ ଜଣ ଯୋଗାଭ୍ୟାସ କରିଥିଲେ। ପ୍ରଶିକ୍ଷକ ଡକ୍ଟର ସୁଜାତା ପଣ୍ଡା, ଡକ୍ଟର ହିମାଂଶୁ ପରିଡ଼ା, ଡକ୍ଟର ସୁଜାତା ଜେନା, ଡକ୍ଟର ସାଗର ମନ୍ତ୍ରୀ, କମଳ ବୈଠାଙ୍କ ଏହି ଯୋଗାଭ୍ୟାସକୁ ପରିଚାଳନା କରିଥିଲେ। ସିଡିଓଇର ଉପନିର୍ଦ୍ଦେଶକ ଡକ୍ଟର ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅବଗଣନା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ପଦକ୍ଷେପର ଏକ ଅଂଶ ଭାବେ ଗୁରୁବାର ଦିନ ପ୍ରଥମାର୍ଦ୍ଧରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପାଇଁ ଏକ ଯୋଗ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ 'ସୁସ୍ଥତା, ଜ୍ଞାନ ଓ ବିଶ୍ୱ ଶାନ୍ତି ପାଇଁ ଯୋଗ' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।

## ୧୩ରୁ ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଚୟନ

ବାରିପଦା, ୧୧।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଓସିଏ ଆନ୍ତଃଜିଲ୍ଲା ଟି-୨୦ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ମହିଳା ଦଳ ପାଇଁ ଚୟନ ପ୍ରକ୍ରିୟା ଚଳିତ ମାସ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ଆଗ୍ରହୀ ଖେଳାଳି ବାରିପଦା ଷ୍ଟାଡ଼ିୟମ କାର୍ଯ୍ୟାଳୟରେ ୧୩ ତାରିଖ ଦିନ ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଶିକ୍ଷାଗତ ପ୍ରମାଣପତ୍ର ଦାଖଲ କରି ନାମ ପଞ୍ଜୀକରଣ କରି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି।

## ଛାତ୍ରୀନିବାସରୁ ବସ୍ ଚଳାଚଳ ପାଇଁ ମାସା ଆର୍ମୀର ଦାବି



ବାରିପଦା, ୧୧।୪(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରୀ ମୁର୍ଗାବାଡିଠାରେ ଥିବା ଛାତ୍ରୀ ନିବାସରେ ରହି ମହାବିଦ୍ୟାଳୟକୁ ପଢ଼ିବା ପାଇଁ ପ୍ରତ୍ୟେକ ଦିନ ବିପଦପୂର୍ଣ୍ଣ ଓ ଅସୁରକ୍ଷିତ ଭାବେ ଯିବାଆସିବା କରୁଛନ୍ତି। ମହାବିଦ୍ୟାଳୟଠାରୁ ଛାତ୍ରୀ ନିବାସର ଦୂରତା ପାଖପାଖି ୫ କିମି ହେବ। ଛାତ୍ରୀମାନେ ମହାବିଦ୍ୟାଳୟକୁ ପଢ଼ିବାକୁ ଯିବା ପାଇଁ ଅଟୋ କିମ୍ବା ଯେକୌଣସି ଭଡ଼ା ଗାଡ଼ି ବ୍ୟବହାର କରୁଛନ୍ତି। ଫଳରେ ସେମାନେ ଅଧିକ ଖର୍ଚ୍ଚାନ୍ତରେ ପଡୁଛନ୍ତି। ତେଣୁ ଛାତ୍ରୀଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ମୁର୍ଗାବାଡି ଛାତ୍ରୀ ନିବାସଠାରୁ ବଡ ବଜାରସ୍ଥ ସରକାରୀ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ମାଗଣା ସରକାରୀ ବସ୍ ସେବା ଆରମ୍ଭ କରାଗଲେ ଛାତ୍ରୀ ସୁରକ୍ଷିତ ଭାବେ ଯିବାଆସିବା କରିପାରିବେ। ଏଥିନିମନ୍ତେ ଜାଗ୍ରତ ସଂଗଠନ ମାସା ଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସାଗରିକା ସିଂଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଛାତ୍ର ନେତା ବିଶୁ ମୁର୍ମୁ, ଅବିନାଶ ମାରାଣ୍ଡି, ଦିଗବିଜୟ ସରେନ, ଲାଲମୋହନ ବାସ୍କେ, ହରି ସିଂ, ମୁନସି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ



ମୋରଡା, ୧୧।୪(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ଓଡ଼ିଶାରେ ପାଳିତ ହେଉଛି ଓଡ଼ିଆ ପକ୍ଷ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ତଥା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧିନିୟମ ଅନୁଯାୟୀ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ବାଧ୍ୟତାମୂଳକ। ଫଳରେ ଓଡ଼ିଆ ଭାଷାର ଅଧିକ ପ୍ରଚାରପ୍ରସାର ହେବା ସହିତ ଓଡ଼ିଆ ଅସ୍ମିତାର ମଧ୍ୟ ଗୁରୁତ୍ୱକୁ ସମସ୍ତେ ବୁଝିପାରିବେ। ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ, ବାରିପଦା ଦ୍ୱାରା ମୋରଡା ବ୍ଲକ ଅଧୀନ ଚିତ୍ରଡା ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି)ରେ ଥିବା ବିଭିନ୍ନ ଦୋକାନ, ଶିକ୍ଷା ଅନୁଷ୍ଠାନକୁ ଓଡ଼ିଆ ଭାଷାରେ ନାମ ଫଳକ ଲଗାଇବା ପାଇଁ ତାଗିଦ କରାଯାଇଛି। ଚିତ୍ରଡା ଏନ ଏସିରେ ଥିବା ମୋଟ ୩୬ଟି ବାଣିଜ୍ୟକ ପ୍ରତିଷ୍ଠାନ ଓ ଶିକ୍ଷା ଅନୁଷ୍ଠାନରେ ଆସନ୍ତା ଏପ୍ରିଲ ୧୮ ସୁଦ୍ଧା ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ ୧୯୫୬ ଧାରା ୩୮ ଅନୁଯାୟୀ ଓଡ଼ିଆ ଭାଷାରେ ସୁସ୍ପଷ୍ଟ ଓ ସୁଦୃଶ୍ୟ ଅକ୍ଷରରେ ନାମ ଫଳକ ଲେଖିବା ପାଇଁ କୁହାଯାଇଛି। ଉକ୍ତ ଡ୍ରାଇଭ ଜିଲା ଶ୍ରମ ଅଧିକାରୀ ଚନ୍ଦନ ମୁର୍ମୁଙ୍କ ନେତୃତ୍ୱରେ ହୋଇଥିବା ବେଳେ ସହକାରୀ ଶ୍ରମ ଅଧିକାରୀ ପାନମଣି ସୋରେନ, ଗୋବିନ୍ଦ ସୋରେନ ଓ ତନ୍ମୟ କୁମାର ବସା ପ୍ରମୁଖ ପରିଚାଳନା କରିଥିଲେ।

## ହେରିଟେଜ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ



ମହୁଲଡିହା, ୧୧।୪(ସମିସ): ହେରିଟେଜ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ଡଃ.ଦୟାସିନ୍ଧୁ ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଏ ଅବସରରେ ବିଶିଷ୍ଟ ଶିକ୍ଷାବିତ, ଶିକ୍ଷକ ନେତା ତଥା କରଞ୍ଜିଆର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ ମିଶ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶ୍ରୀ ମିଶ୍ର କହିଥିଲେ ଯେ ସାଧାରଣତଃ ସେ କୌଣସି ପୁରସ୍କାର ପାଇଁ କେବେ ପ୍ରୟାସ ବା ଆବେଦନ କରିନାହାନ୍ତି। ହେରିଟେଜ ପକ୍ଷରୁ ଅପ୍ରତ୍ୟାଶିତ ଭାବେ ସମ୍ବର୍ଦ୍ଧନା ଦେଇ ସାମାଜିକ ଦାୟିତ୍ୱ ବଢ଼ାଇ ଦେଇଛନ୍ତି। ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ ଯୋଗଦେଇ ଶିକ୍ଷା ବ୍ୟବସ୍ଥା ଓ ବିଚାର କିପରି ବଦଳୁଛି ତା'ର ଉଦାହରଣ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ଭଲ ମଣିଷ ଗଢିବା ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଶରତ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନିର୍ଦ୍ଦେଶକ ମନୋଜ କୁମାର ଜେନା ସ୍କୁଲ ଓ ଆରଆରଡିଓ ସମ୍ପର୍କରେ ଉପସ୍ଥାପନା କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ୧୫ ଜଣିଆ ପ୍ରତିନିଧି ଦଳ

# ସାନ୍ତାଳୀ ଭାଷା, ଶିକ୍ଷାର ବିକାଶ ନେଇ ଆଲୋଚନା

ବିଶୋଇ, ୧୧।୪(ସମିସ): ଆଦିବାସୀ ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ ଭୁବନେଶ୍ୱର ଶାଖାର ୧୫ ଜଣିଆ ପ୍ରତିନିଧି ଦଳ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରିଛନ୍ତି। ଏ ଅବସରରେ ସାନ୍ତାଳୀ ଭାଷା, ଶିକ୍ଷାର ବିକାଶ ଓ ସାରନା ଧର୍ମକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ଆଦି ପ୍ରମୁଖ ବିଷୟରେ

### ୪ ଦଫା ଦାବିପତ୍ର ପ୍ରଦାନ



ଆଲୋଚନା ହେବା ସହିତ ୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଛି।

ପ୍ରଥମ ଦାବି ହେଲା ଭାରତ ସରକାରଙ୍କ ଅନୁବାଦିନୀ ସଂସ୍ଥା ପକ୍ଷରୁ ନୂତନ ଶିକ୍ଷା ପଲିସି (ଏନଇପି)-୨୦୨୦ ଅନୁଯାୟୀ ସିବିଏସ୍‌ଇ ଇଂରାଜୀ ପାଠ୍ୟ ପୁସ୍ତକରେ ସାନ୍ତାଳୀ ଭାଷାକୁ ଦେବନାଗରୀ ଲିପିରେ ଅନୁବାଦ କରାଯାଉଛି। ଫଳରେ ସାନ୍ତାଳୀ ଭାଷାର ଉଚ୍ଚାରଣ ଓ ଆଚରଣରେ ଅପ୍ରଭଂସ ଓ ବିକୃତି ଶବ୍ଦ ସୃଷ୍ଟି ହେଉଛି। ତେଣୁ ସାନ୍ତାଳୀ ଭାଷାକୁ ନିଜସ୍ୱ ଅଲଚିକି ଲିପିରେ ଅନୁବାଦ କଲେ, ତାହା ଯଥାର୍ଥ ହୋଇପାରିବ ବୋଲି ଦାବି କରାଯାଇଛି। ଦ୍ୱିତୀୟତଃ ଓଡ଼ିଶା ରାଜ୍ୟରେ ସାନ୍ତାଳୀ ଭାଷାରେ ପୁସ୍ତକ ପାଠ୍ୟକ୍ରମକୁ ପ୍ରଥମ ଶ୍ରେଣୀରୁ ସ୍ନାତକର ପର୍ଯ୍ୟନ୍ତ ଅଲଚିକି ଲିପିରେ ପ୍ରଚଳନ ପାଇ ଦାବି ରଖାଯାଇଛି। ସେହିପରି ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ସାନ୍ତାଳ ସମ୍ପ୍ରଦାୟର ସାରନା ଧର୍ମକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ପାଇଁ ତୃତୀୟ ଦାବି ରଖାଯାଇଛି। ସମ୍ପ୍ରତି ଡିଡି ଓଡ଼ିଆ ଚ୍ୟାନେଲରେ ସାନ୍ତାଳୀ ଭାଷାରେ ସାପ୍ତାହିକ ସମାଚାର ପରିବେଷଣ କରାଯାଉଥିବାବେଳେ ଏହାକୁ ଦୈନିକ କରିବା ପାଇଁ ଦାବି କରାଯାଇଛି। ଏଥିସହିତ ଭୁବନେଶ୍ୱରରେ ପଣ୍ଡିତ ରଘୁନାଥ ମୁର୍ମୁ ଭବନ ଓ ନୂଆଦିଲ୍ଲୀରେ ସାରନା ଜାହେର ଗାଳ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ପ୍ରତିନିଧି ଦଳରେ ସଂଘର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉଦୟନାଥ ମାଝୀ, ମେଘରାୟ ମୁର୍ମୁ, ଛୋଟରାୟ ମୁର୍ମୁ, ସଂଘ ସଭାପତି ଦାସମାତ୍ ମୁର୍ମୁ, ସଧାରଣ ସମ୍ପାଦକ ରୂପେନ୍ଦ୍ର ନାଥ ମୁର୍ମୁ, ସମ୍ପାଦକ ଠାକୁର ଦାସ ହାଁସଦା, କୋଷାଧ୍ୟକ୍ଷ ଲାଖାନ ବେଶ୍ରା, ଉପକୋଷାଧ୍ୟକ୍ଷ ଶ୍ୟାମଚରଣ ମାର୍ଣ୍ଡି, ଶିକ୍ଷା ଓ ସାଂସ୍କୃତିକ ସମ୍ପାଦକ କାଳୀଚରଣ ହେମ୍ବ୍ରମ, ବରିଷ୍ଠ ସହାୟକ ହରପାଳ ହେମ୍ବ୍ରମ, ବିଶିଷ୍ଟ ଲେଖିକା ଝାନ ମୁର୍ମୁ, ସରସ୍ୱତୀ ହାଁସଦା, ବରିଷ୍ଠ ସହାୟିକା ଶ୍ରୀମତୀ ମୃଣାଳିନୀ ହାଁସଦା, ଶ୍ରୀମତୀ ମାନକମଣି ମୁର୍ମୁ, ସୁରଭି ମାର୍ଣ୍ଡି ପ୍ରମୁଖ ସାନ୍ତାଳୀ ପାରମ୍ପରିକ ପୋଷାକ ପରିଧାନ କରିବା ସହିତ ରାଷ୍ଟ୍ରପତିଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଚନ୍ଦ୍ରଶେଖର ହାଇସ୍କୁଲର ଶତବାର୍ଷିକୀ

# ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୦ କୋଟି ଅନୁଦାନ ଘୋଷଣା

କେନ୍ଦୁଝର, ୧୧।୪(ସମିସ):



ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଲାସାସ୍ଥିତ ଚନ୍ଦ୍ରଶେଖର ସରକାରୀ

### ୭ ଏକର ଜମି ପ୍ରଦାନ କରାଯିବ

ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ସେହିପରି ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିବା ବେଳେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୧୦ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ ଘୋଷଣା କରାଯାଇଛି।

ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।

# ଲଙ୍ଗଳକଣ୍ଟିରେ ଅଣ୍ଡରପାସ୍ ଲୋକାର୍ପିତ




କେନ୍ଦୁଝର, ୧୧।୪(ସମିସ): ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍ ଗତିକୁ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଲଙ୍ଗଳକାଣ୍ଟିଠାରେ ନୂତନ ଏନ୍ଏଚ୍-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍ ର ଉଦଘାଟନ କରିଛନ୍ତି। ଏହି ଅଣ୍ଡରପାସ୍ ଏନ୍ଏଚ୍-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଟ୍ରାଫିକ ହ୍ରାସ କରିବ। ଏହି ଅଣ୍ଡରପାସ୍ ଟିକିରା, ଢେଙ୍କିକୋଟ ଏବଂ ବାରବେଡା ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍-ବୁଲେଟ୍ ମୁହାଁମୁହିଁ, ୩ ଗୁରୁତର

ହାଟଡିହୀ,୧୧।୪(ସମିସ): ପୂର୍ବାହ୍ନ ସମୟରେ ଆନନ୍ଦପୁର ଭଦ୍ରକ ୫୩ନଂ ରାଜ୍ୟ ରାଜପଥ ତଥା ନନ୍ଦିପଦା ଥାନା ଅଧୀନସ୍ଥ ବେତୀରା ଛକ ନିକଟରେ ଏକ କାର ସହ ଗୋଟେ ବୁଲେଟ୍ ମୁହାଁମୁହିଁ ହୋଇ ୩ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। କାରଟି ଆନନ୍ଦପୁର ଅଭିମୁଖେ ଯାଉଥିବା





ବେଳେ ବୁଲେଟରେ ୩ଜଣ ଯୁବକ ଭଦ୍ରକ ଅଭିମୁଖେ ଯାଉଥିଲେ। ଉଭୟ ଗାଡ଼ି ଚାଳକଙ୍କ ଅସାବଧାନତାବଶତଃ ଉଭୟ ମୁହାଁମୁହିଁ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଆହତଙ୍କୁ ଉଦ୍ଧାର କରାଯାଇ ହାଟଡ଼ିହୀ ଦମକଳ ଯୋଗେ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ନନ୍ଦିପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହ ଦୁର୍ଘଟଣା ଉପରେ ତଦନ୍ତ ଚଳାଇଛି। ଖବର ଲେଖିବା ଯାଏଁ ଉଭୟ କାର ଓ ବୁଲେଟ୍ ଆରୋହୀଙ୍କ ପରିଚୟ ମିଳିପାରିନାହିଁ।

● ପ୍ରସ୍ତାବିତ ଷ୍ଟିଲ୍ପ୍ଲାଣ୍ଟକୁ ବିରୋଧ ପ୍ରସଂଗ

## ପ୍ରତିରୋଧ ମଞ୍ଚ ପକ୍ଷରୁ ୫ ନେତା ସମ୍ବର୍ଦ୍ଧିତ



ତୁରୁମୁଙ୍ଗା, ୧୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଧନୁର୍ଜୟପୁରଠାରେ ଗତ ମାର୍ଚ୍ଚ ୨୦ ତାରିଖ ଗ୍ରାମସଭାକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ବିରୋଧ ପ୍ରଦର୍ଶନ କରୁଥିବା ସମୟରେ ପ୍ରତିରୋଧ ମଞ୍ଚର ନେତା ନିର୍ମଳ ମହାନ୍ତ, ଅମୀୟନାଏକ, ମନୋହର ମହାନ୍ତ, ଧନେଶ୍ୱର ମହାନ୍ତଙ୍କୁ ପ୍ରତିବାଦସ୍ଥଳରୁ ତୁରୁମୁଙ୍ଗା ପୁଲିସ ଗିରଫ କରିଥିଲା। ଏଥିସହ ଗତ ମାର୍ଚ୍ଚ ୩୧ ତାରିଖ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ମଧ ପୁଲିସ ରାତିଅଧରେ ଗିରଫ କରିଥିଲା। ଗିରଫ ପାଞ୍ଚଜଣ ନେତା ଶନିବାର ଜାମିନରେ ବାହାରିବା ପରେ ପ୍ରତିରୋଧ ମଞ୍ଚ ତରଫରୁ କୋଡଖମଣ ଗ୍ରାମରେ ସମ୍ବର୍ଦ୍ଧିତ କରାଯାଇଛି। ଏକ ବର୍ଷରୁ ଅଧିକ ହେବ ପ୍ରସ୍ତାବିତ କମ୍ପାନୀକୁ ଜମିଦେବୁ ନାହିଁ ବୋଲି ଜିନ୍ଦଲ ମଞ୍ଚ ଆହ୍ୱାନରେ ଆନ୍ଦୋଳନ ଚାଲୁଛି। ଚୁକ୍ତିପତ୍ର ରଦ୍ଦ କରିବା, ମିଥ୍ୟା ମାମଲା ପ୍ରତ୍ୟାହାର କରିବା, ଗାଁ ଗାଁରେ ପୁଲିସ ଜୁଲୁମ ବନ୍ଦ କରିବା ସହ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କରିବା ପାଇଁ ମଞ୍ଚର ଉପଦେଷ୍ଟା ରଘୁନାଥ ଦାସ ଦାବି କରିଛନ୍ତି।

## ଠାକୁରମୁଣ୍ଡା କନ୍ୟାଶ୍ରମରେ ସାଇବର ସଚେତନତା

ମହୁଲଡିହା,୧୧।୪(ସମିସ): ଠାକୁରମୁଣ୍ଡା ଥାନା ପୁଲିସ ପକ୍ଷରୁ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ଯୋଗଦେଇ ସାଇବର ସୁରକ୍ଷାର ବିଭିନ୍ନ ଉପାୟ ଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ବସନ୍ତ ପୈଡର୍ଜା ଯୋଗଦେଇ ମୋବାଇଲ ଫୋନ ବ୍ୟବହାର, ଅଜଣା ବ୍ୟକ୍ତିଙ୍କୁ ଓଟିପି ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉପରେ ଛାତ୍ରୀଙ୍କୁ ବିଭିନ୍ନ ମାର୍ଗରେ ବୁଝାଇଥିଲେ। ଅଦୃଶ୍ୟ ଶକ୍ତିଠାରୁ ଦୂରେଇ ରହିବା, ଷ୍ଟଡି ଲୋନ୍, ଅନଲାଇନ୍ ଗେମ୍, ଅଜଣା ବ୍ୟକ୍ତିଙ୍କୁ ଫୋଟ ସେୟାର, ନିଜର ବ୍ୟକ୍ତିଗତ ଡକ୍ୟୁମେଣ୍ଟ ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ବାଟରେ ଚାଲିଲା ବେଳେ କିପରି ନିୟମ ମାନି ଚାଲିବା ୧୮ ବର୍ଷରୁ କମ୍ ବୟସରେ ଗାଡ଼ି ନ ଚଳାଇବା, ନିଶା ଖାଇ ଗାଡ଼ି ନ ଚଳାଇବା, ହେଲମେଟ ପିନ୍ଧି ଗାଡ଼ି ଚଳାଇବା, ଟ୍ରାଫିକ ନିୟମ ମାନି ଚାଲିବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ରଚନା ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ତିନି ମାସରେ ପୋଲ ଶୋଚନୀୟ

ବୈଶିଙ୍ଗା, ୧୧।୪ (ସମିସ): ଆଇଟିଡିଏ ପକ୍ଷରୁ ଆର୍ଥିକ ବର୍ଷ ୨୦୨୪-୨୫ରେ ଟେଣ୍ଡର ପ୍ରକ୍ରିୟାରେ ବେତନଟୀ ବ୍ଲକ୍ ଅଧୀନ ୧୮ ନଂ ଜାତୀୟ ରାଜପଥର ଖଇରିବଣି ଛକ ନିକଟରୁ ଚାନ୍ଦପୁରା ଗ୍ରାମକୁ ଯାଇଥିବା ମୁଖ୍ୟ ରାସ୍ତା ଉପରେ ୧୦ ଲକ୍ଷ ୫୦ ହଜାର ଟଙ୍କାରେ ପୋଲ ମାତ୍ର ତିନିମାସ ପୂର୍ବେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ନିର୍ମାଣ କାର୍ଯ୍ୟ ନିମ୍ନମାନର



ହୋଇଥିବା ନେଇ ମଧ ଅଭିଯୋଗ ହୋଇଥିଲା। କୌଣସି ଅଧିକାରୀ ଏହି ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବେ ତଦାରଖ କରି ନ ଥିଲେ। ଚଳିତ ବର୍ଷ ଜାନୁଆରୀରେ ଏହାର ନିର୍ମାଣ କାର୍ଯ୍ୟ କୌଣସି ମତେ ଶେଷ ହୋଇଥିଲା। ବର୍ତ୍ତମାନ ଏହାର ଉପରୁ ସିମେଣ୍ଟ ଛାଡ଼ିଯାଇଛି। ଭିତର ଲୁହା ରଡ ବାହାରକୁ ଦେଖାଯାଉଛି। ଏହି ରାସ୍ତାଦେଇ ଗାଡି ଚଳପ୍ରଚଳରେ ଅସୁବିଧା ଉପୁଜୁବା ସହିତ ଗ୍ରାମବାସୀ ଯିବା ଆସିବାରେ ହୀନସ୍ତା ହେଉଥିବାର ଦେଖିବାକୁ ମିଳୁଛି। ଏ ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି, ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହୋଇନାହିଁ। ଯଥାଶୀଘ୍ର ଏହାର ମରାମତି କରାଯିବ। ମରାମତି ପାଇଁ ଆସିଥିବା ଲୋକଙ୍କୁ ଗ୍ରାମବାସୀ ମରାମତି କରିବାକୁ ଦେଲେନାହିଁ, ନିମ୍ନମାନର ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଜିଦ ଧରି ରାସ୍ତା ବନ୍ଦ ରଖିଥିଲେ।

## ବାକି ଟଙ୍କା ନେଇ ସଂଘର୍ଷ; ୨ କୋର୍ଟ ଚାଲାଣ

ହାଟଡିହୀ,୧୧।୪(ସମିସ): ବାକି ଟଙ୍କା ମାଗିବାକୁ ନେଇ ନନ୍ଦିପଦା ଥାନା ଚଣ୍ଡିଆବିରଞ୍ଚିପୁର ଗାଁରେ ସଂଘର୍ଷ ଘଟି ଦୁଇଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାଯାଇଛି। ପୁଲିସ ଏହି ଘଟଣାରେ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ଅଭିଯୁକ୍ତଦ୍ୱୟ ପ୍ରସନ୍ନ ଦାସ ଓ ତାଙ୍କ ପୁଅ ଦେବାଶିଷଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଗାଁର ପ୍ରକାଶ ନାୟକଙ୍କଠାରୁ ସେହି ଗ୍ରାମର ପ୍ରସନ୍ନ ଦାସ ରାସ୍ତା କାମ କରିବା ନିମନ୍ତେ ଦୀର୍ଘ ବର୍ଷ ତଳୁ ଚିପ୍ସ ଓ ମେଟାଲ ବାକିରେ ନେଇଥିଲେ। ରାସ୍ତା କାମର





ବିଲ୍ ସରିଥିଲେ ମଧ ପ୍ରସନ୍ନ ବାକି ଟଙ୍କା ଶୁଝିବାର ନାଁ ଧରି ନଥିଲେ। ବାରମ୍ବାର ବାକି ଟଙ୍କା ମାଗିବା ପରେ ନମିଳିବାରୁ ପ୍ରକାଶ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ କିଛି ସୁଫଳ ମିଳି ନଥିଲା। ପୁନର୍ବାର ପ୍ରକାଶ ବାକି ଟଙ୍କା ମାଗିବାରୁ ପ୍ରସନ୍ନ ଦାସ ଓ ପ୍ରକାଶ ନାୟକଙ୍କ ଭିତରେ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ପରେ ପ୍ରସନ୍ନ ଓ ତାଙ୍କ ପୁଅ ଦେବାଶିଷ ମିଶି ଏକ ଠେଙ୍ଗା ଓ ଲୁହା ରଡ଼ରେ ମରଣାନ୍ତକ ଆକ୍ରମଣ କରି ପ୍ରକାଶଙ୍କୁ ଲହୁଲୁହାଣ କରିଛନ୍ତି। ତାଙ୍କୁ ପୁଲିସ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ମେଡିକାଲରେ ଆଶୁ ଚିକିତ୍ସା କରିବା ପରେ କଟକ ରେଫର କରାଯାଇଛି। ସେହିପରି ପ୍ରକାଶଙ୍କ ମାଡ଼ରେ ପ୍ରସନ୍ନ ଗୁରୁତର ହୋଇଥିବା ଜଣାଯାଇଛି। ନନ୍ଦିପଦା ପୁଲିସ ଚଣ୍ଡିଆବିରଞ୍ଚିପୁରର ପ୍ରକାଶଙ୍କ ପତ୍ନୀ କୁମୁନ ନାୟକଙ୍କ ରିପୋର୍ଟରେ ଉଭୟଙ୍କୁ ଗିରଫ କରିଥିବା ଆନନ୍ଦପୁର ଏସଡ଼ିପିଓ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ଭାରତୀୟ ଶାସ୍ତ୍ରୀୟ କୃତିଗୁଡ଼ିକର ପୁନଃଅଧ୍ୟୟନ ଶୀର୍ଷକ ଆଲୋଚନାଚକ୍ର




ବାରିପଦା, ୧୧।୪(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଇଂରାଜୀ-ସଂସ୍କୃତ ବିଭାଗ ଓ ଆଇକ୍ୟୁଏସିର ମିଳିତ ସହଯୋଗରେ ଭାରତୀୟ ଶାସ୍ତ୍ରୀୟ କୃତିଗୁଡ଼ିକର ପୁନଃଅଧ୍ୟୟନ ଶୀର୍ଷକ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ହାଇଦ୍ରାବାଦ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ପ୍ରଫେସର ଜେଏସଆର୍ ପ୍ରସାଦ ଓ ମେଦିନାପୁର କେଡି ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଉତ୍ତର କୁମାର ଜେନା, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ଖଡ଼ଗପୁରର ପୋଷ୍ଟ ଡକ୍ଟରେଟ୍ ଫେଲୋ ଡକ୍ଟର ଶାନ୍ତନୁ ସରକାର ପ୍ରମୁଖ ଯୋଗଦେଇ ଭାରତୀୟ ଶାସ୍ତ୍ରୀୟ କୃତି ଗୁଡ଼ିକର ସାଂପ୍ରତିକ ସମୟରେ ପୁନଃ ମୂଲ୍ୟାଙ୍କନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଭାରତୀୟ ଶାସ୍ତ୍ରୀୟ ଭାଷାରେ ଲିଖିତ କୃତିଗୁଡ଼ିକର ଭଣ୍ଡାର ଯେତେ ବିଶାଳ, ସେତେ ସମୃଦ୍ଧ। ଯାହାକୁ ଗଭୀର ଭାବେ ଅଧ୍ୟୟନ ଓ ଅନୁଧ୍ୟାନ କରିବା ସହିତ ତା'ର ପୁନଃ ମୂଲ୍ୟାୟନ କଲେ ଯାଇ ତାହା ମଧ୍ୟରେ ରହିଥିବା ଅନାଲୋଚିତ ଦିଗ ଉନ୍ମୋଚିତ ହୋଇପାରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷା ସାଗରିକା ସିଂହଙ୍କ ପୃଷ୍ଠପୋଷକତା ଓ ଇଂରାଜୀ ବିଭାଗର ବିଭାଗ ମୁଖ୍ୟ ରଜନୀକାନ୍ତ ଶଙ୍ଖୁଆ ଆବାହକତ୍ୱରେ ଆଜିର ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପଦ୍ମଶ୍ରୀ ଡକ୍ଟର ଦମୟନ୍ତୀ ବେଶ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟ ଭାଷାର ସାମାଜିକ ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପିକା ଦେବାହୂତି ଦାସ ଓ ସଂସ୍କୃତ ବିଭାଗ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଅଫଲାଇନରେ ୧୦ଟି ଓ ଅନଲାଇନ୍‌ରେ ୧୩ଟି ଗବେଷଣା ପତ୍ର ଉପସ୍ଥାପିତ କରାଯାଇଥିଲା। ଡକ୍ଟର ଚନ୍ଦ୍ରକାନ୍ତ ଦାସ, ଡକ୍ଟର ବିଘ୍ନାଂଶୁ ଜେନା, ଡକ୍ଟର ଅନୁପମା ଭୋଳ, ଡକ୍ଟର ରମ୍ୟରଞ୍ଜନ ବେହେରା, ଡକ୍ଟର ଧନେଶ୍ୱର ବେହେରା ପ୍ରମୁଖ ଅଧ୍ୟାପକ-ଅଧ୍ୟାପିକା ଏହି ଆଲୋଚନାଚକ୍ରର ସଦସ୍ୟ ଭାବେ ଯୋଗଦେଇ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଡ ପ୍ରିୟବ୍ରତ ବେହେରା, ଡ ନୀଳକଣ୍ଠ ପାଢ଼ୀ, ଡ ରୀତା ବିଶ୍ୱାଳ, ଡ ସମୟ କୁମାର ପାଢ଼ୀ, ଡ ସତ୍ୟଶ୍ରୀ ମହାନ୍ତି, ଡ କଳ୍ପନା ନାୟକ ଉପସ୍ଥିତ ରହି ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଏତଦବ୍ୟତୀତ କାବ୍ୟାଞ୍ଜଳି ପାଢ଼ୀ, ତନୀଷା ମଲ୍ଲିକ, ସ୍ନେହା ସାମନ୍ତସିଂହାର ପ୍ରମୁଖ ଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅତିଥି ଓ ଗବେଷିକା, ଗବେଷକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଭୟ ଇଂରାଜୀ ଓ ସଂସ୍କୃତ ବିଭାଗର ଛାତ୍ରୀ ଉପସ୍ଥିତ ରହି ଏହି ଜାତୀୟ ଆଲୋଚନାଚକ୍ରକୁ ସଫଳ କରାଇବାରେ ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ।

## ଆନନ୍ଦପୁର ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଆନନ୍ଦପୁର, ୧୧।୪ (ସମିସ): ଆନନ୍ଦପୁର ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ଓଡ଼ିଶା ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱର ରାଧାକୃଷ୍ଣ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।



ରୁକୁସୁନା ଓ ସାଥୀ କଳାକାରଙ୍କ ମେଲୋଡି ମଧ ଶ୍ରୋତାମଣ୍ଡଳୀକୁ ସ୍ୱର ତାଳ ଏବଂ ନୃତ୍ୟରେ ବାନ୍ଧି ରଖି ପାରିଥିଲା। ମହୋତ୍ସବ କମିଟିର ସଦସ୍ୟ ବିଜେପି ନେତା ରାମଚନ୍ଦ୍ର ସାହୁ, ସୁରେଶ ସାହୁ, ସନ୍ତୋଷ ଜେନା, ସୀଲୁ ପଟ୍ଟନାୟକ, ଅସୀମା ମିଶ୍ର, ମାନସ ସାହୁ, ଧବଳେଶ୍ୱର ସାହୁ ପ୍ରମୁଖଙ୍କ ସହଯୋଗରେ ମଞ୍ଚ ପରିଚାଳନା ହୋଇପାରିଥିବା ବେଳେ ସାମ୍ବାଦିକ ମଦନ ପାଣି ଓ ନୃତ୍ୟ ଗୁରୁ ଜିତୁ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାରଙ୍କୁ ନେଇ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟ ପରିଚାଳନା ହୋଇଥିଲା। କମିଟି ଅଧ୍ୟକ୍ଷ ନୀଳମାଧବ ସୁନାଙ୍କ ସଭାପତିତ୍ୱରେ ଅଧ୍ୟାପକ ରଘୁଦୀପ୍ତି ନାୟକ ସଂଯୋଜନାରେ ସଭାରେ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ପୂଜା ପାଇଁ କଳସ ଶୋଭାଯାତ୍ରା

ବାରିପଦା,୧୧।୪(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁରସ୍ଥ ମା' ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ବାର୍ଷିକ ପୂଜା ଅବସରରେ ଆଜି କଳସ ଶୋଭାଯାତ୍ରା କରାଯାଇଛି। ମା' ଅମ୍ବିକାଙ୍କ ମନ୍ଦିର ନିକଟସ୍ଥ ଚିପଟ,



ବୁଢାବଳଙ୍ଗ ଓ ଇଟାଯୋଡ଼ି ନଦୀର ସଙ୍ଗମ ସ୍ଥାନରେ ରୀତିନୀତି ଅନୁସାରେ ପୂଜାବିଧି ସମ୍ପନ୍ନ ହୋଇଥିଲା । ଉକ୍ତ ସ୍ଥାନରୁ ଘଟ ଉତ୍ତୋଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅମ୍ବିକା ମନ୍ଦିରରୁ ସହର ପରିକ୍ରମା କରି ୨ ଶହରୁ ଅଧିକ ମହିଳା ଘଟ ଶୋଭାଯାତ୍ରାରେ ଗ୍ରାମଦେବୀ ମନ୍ଦିର ନିକଟରେ ପହଞ୍ଚିଥିଲେ। ତିନିଦିନ ଧରି ମନ୍ଦିରରେ ମା'ଙ୍କ ପୂଜାବିଧି ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି ବୋଲି ମନ୍ଦିର କମିଟି ପ୍ରକାଶ କରିଛନ୍ତି। ଶେଷଦିନ ସର୍ବସାଧାରଣଙ୍କ ନିମନ୍ତେ ପ୍ରସାଦ ବଣ୍ଟନ କରାଯିବାର ବ୍ୟବସ୍ଥା କରାଯାଇଛି। ଏ ବର୍ଷ ମନ୍ଦିର ପରିସରରେ ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମଧ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

## ୧୯ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ବେତନଟୀ, ୧୧।୪ (ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଅଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣ ଉପରେ ପୁଲିସ ବଡ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବିଶେଷ ସୂତ୍ରରୁ ଖବର ପାଇ ପାଟ୍ରୋଲିଙ୍ଗ ସମୟରେ ବହୁ ପରିମାଣର ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି। ବାଲେଶ୍ୱର ଦିଗରୁ ବେତନଟୀ ଅଭିମୁଖେ ଏକ ବାଇକ ଯୋଗେ ଗଞ୍ଜେଇ ପରିବହନ କରାଯାଉଥିବାବେଳେ ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଥାନା ଅଧୀନ ବେତନଟୀ ପୁରୁଣା ଦମକଳ କେନ୍ଦ୍ର ନିକଟରେ ପୁଲିସ ଦଳ ଗାଡ଼ିକୁ ଅଟକାଇଥିଲେ। ତନଖି ସମୟରେ ବାଇକରୁ ୧୯ କିଲୋ ୬୮୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ବଡ଼ସାହି ସୋରିଷକୋଠା ଅଞ୍ଚଳର ଶମ୍ଭୁ ମହାଳିକଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ନିକଟରୁ ଗଞ୍ଜେଇ ସହିତ ବ୍ୟବହୃତ ବାଇକକୁ ମଧ ଜବତ କରାଯାଇଛି। ଜବତ ଗଞ୍ଜେଇର ଅନୁମାନିତ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏହି ଚଢ଼ଉରେ ବେତନଟୀ ପୁଲିସ ସହ ବେତନଟୀ ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ଉପସ୍ଥିତ ଥିବାବେଳେ ସମସ୍ତ ପ୍ରକ୍ରିୟାକୁ ଆଇନଗତ ନିୟମାବଳୀ ଅନୁଯାୟୀ କରାଯାଇଥିବା ସୂଚନା ମିଳିଛି। ବେତନଟୀ ଥାନାରେ ଏନଡିପିଏସ ଆଇନ ଅନୁସାରେ ଏକ ମାମଲା ରଜୁ କରାଯାଇଥିବାବେଳେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଜାରି ରହିଛି।

### ଅବହେଳିତ ବଡ଼ନାଳ ଉପରସାହି

# ନାହିଁ ନଳକୂପ; ପରିତ୍ୟକ୍ତ କୂଅ ହୋ ଜନଜାତି ପରିବାରର ଭରସା

ଶରତ/ଆନନ୍ଦପୁର,୧୧।୪(ସମିସ):

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବାଉଁଶଗଡ ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୬ ଅନ୍ତର୍ଗତ ବଡ଼ନାଳ ଉପରସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବଡନାଳ ଉପରସାହିରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ନଳକୂପ ଖୋଳା ଯାଇ ନ ଥିବା ଗ୍ରାମର ଗୁରୁବାରୀ ହୋ, ଜୟନ୍ତୀ ହେମ୍ବ୍ରମ, କୁନି ହେମ୍ବ୍ରମ, ଶାନ୍ତି ମୁଣ୍ଡା ପ୍ରମୁଖ କୋହଭରା କଣ୍ଠରେ ଗଣମାଧ୍ୟମକୁ କହିଛନ୍ତି। ଗ୍ରାମରେ ୨୬ରୁ ଊର୍ଦ୍ଧ୍ୱ ହୋ' ଜନଜାତି ପରିବାର ବସବାସ କରୁଥିବାବେଳେ ସେମାନେ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଛନ୍ତି। ନିର୍ବାଚନ ସମୟରେ ଗ୍ରାମକୁ ମାଳମାଳ ନେତା ଏହି ଗ୍ରାମକୁ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ଆସି ଆଦିବାସୀ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କରିଦେବା ପାଇଁ ମିଛ ପ୍ରତିଶ୍ରୁତି



ଦେଉଥିବା ଗ୍ରାମର ଉଚ୍ଚଶିକ୍ଷିତ ଯୁବକ ପିଣ୍ଟୁ ହେମ୍ବ୍ରମ ପ୍ରକାଶ କରିଛନ୍ତି। ଗ୍ରାମବାସୀ ବର୍ଷା ଦିନରେ ବିଲ ଓ ଝରଣା ପାଣିକୁ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବାବେଳେ ଖରାଦିନେ ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ କୂଅରୁ ପାଣି ସଂଗ୍ରହ କରନ୍ତି। ବଡ଼ନାଳ ଉପରସାହି ଗ୍ରାମ ବାଉଁଶଗଡ ପଞ୍ଚାୟତରେ ଅବସ୍ଥିତ ରହିଛି। ଯାହା କି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକ୍ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରହିଥିବା କାରଣରୁ ଗ୍ରାମକୁ କେବେ ମଧ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େନାହିଁ। କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଆନନ୍ଦପୁର ବ୍ଲକ ପ୍ରଶାସନ ଉକ୍ତ ଗ୍ରାମକୁ ଯାଇ ପାନୀୟଜଳ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଗ୍ରାମରେ ଦୁଇଟି ନଳକୂପ ଖନନ କରି ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଗ୍ରାମର ପିଣ୍ଟୁ ହେମ୍ବ୍ରମ ନିବେଦନ କରିଛନ୍ତି।

